# ଗାନ୍ଧିଜୀଙ୍କ ପଟ୍ଟଶିଷ୍ୟ ନୃସିଂହ ଗୁରୁ

ବାଳକୃଷ୍ଣ କର

ଭାରତର ମୁକ୍ତିସଂଗ୍ରାମରେ ସମ୍ବଲପୁର ପ୍ରମୁଖ ଅଂଶ ଗ୍ରହଣ କରିଛି ଏବଂ ଏ ଅଞ୍ଚଳର ବରପୁତ୍ରଗଣ ଅସୀମ ତ୍ୟାଗ ଓ ଧୈର୍ଯ୍ୟ ପୂର୍ବକ ଦେଶମାତୃକାକୁ ବିଦେଶୀ ଶାସନରୁ ମୁକ୍ତ କରିପାରିବାରେ ପ୍ରଭୂତ ଦୁଃଖ ଓ ନିର୍ଯ୍ୟାତନା ସାଦରେ ଗ୍ରହଣ କରିଛନ୍ତି, ଏହାର ଦୃଷ୍ଟାନ୍ତ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ଏ ମାଟିରେ ବୀରସନ୍ତାନ ସୁରେନ୍ଦ୍ର ସାଏ ଜାତୀୟ ସଂଗ୍ରାମ ପ୍ରାରମ୍ଭରେ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ପୂର୍ବରୁ ବିଦେଶୀ ଶାସନ ବିରୁଦ୍ଧରେ ସଂଗ୍ରାମକରି ରୁଦ୍ଧ କାରାଗାରରେ ଅନ୍ଧକାର ପ୍ରକୋଷ୍ଠରେ ଦୀର୍ଘକାଳ ଅତିବାହିତ କରି ମୃତ୍ୟୁବରଣ କଲେ । ବିଂଶ ଶତାବ୍ଦୀର ତୃତୀୟ ଦଶକରେ ସମ୍ବଲପୁର ଯୁବଗଣ ଭବିଷ୍ୟତକୁ ଜଳାଞ୍ଜଳି ଦେଇ ବିଦ୍ୟାଳୟ ତ୍ୟାଗ ପୂର୍ବକ ଭାରତ ବର୍ଷରେ ସର୍ବପ୍ରଥମେ ମୁକ୍ତିସଂଗ୍ରାମରେ ନିଜକୁ ସାମିଲ କରିଥିଲେ । ଏ ଘଟଣା ବଙ୍ଗଳାର ଏକ ମୁଖ୍ୟପତ୍ରିକା 'ସର୍ଭେଣ୍ଟ'ରେ ପ୍ରକାଶ ପାଇବାରୁ ସାରା ଦେଶର ଛାତ୍ର ସମାଜକୁ ସ୍ତବ୍ଧ କରିଦେଇଥିଲା ଏବଂ ସେମାନେ ମଧ ସଂଗ୍ରାମରେ ଯୋଗଦାନ କରିବାକୁ ଆଗଭର ହୋଇଥିଲେ । ଓଡ଼ିଶାରେ ପଶ୍ଚିମାଞ୍ଚଳରେ ସ୍ୱାଧୀନତା ସଂଗ୍ରାମକୁ ଆଗେଇ ନେବାପାଇଁ ସମ୍ବଲପୁରରେ ଗଢ଼ାହେଲା ପଞ୍ଚସଖା । ଏହି ପଞ୍ଚସଖା ମଧରେ ଥିଲେ, ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ନୃସିଂହ ଗୁରୁ, ଭାଗିରଥି ପଟ୍ଟନାୟକ, ଦୟାନନ୍ଦ ଶତପଥି ଓ ଚିନ୍ତାମଣି ପୂଝାରୀ । ନୃସିଂହ ଗୁରୁଙ୍କ ସଂଗ୍ରାମ ଓ ସାଂଗଠନିକ କ୍ଷେତ୍ରରେ ଭୂମିକା ଥିଲା ସ୍ୱତନ୍ତ୍ର । ଗାନ୍ଧିଜୀଙ୍କ ଆଦର୍ଶ, ନୀତି ଓ ବାଣୀକୁ ସେ ନିଷ୍ଠାର ସହ ପାଳନ କରୁଥିଲେ । ଦୈନନ୍ଦିନ ଜୀବନରେ ଗାନ୍ଧିଜୀଙ୍କ ଅନୁରୂପ ବେଶଭୂଷା ପରିଧାନ ସହ ବିଦେଶୀ ପ୍ରସ୍ତୁତ ପଦାର୍ଥର ସଂପୂର୍ଣ୍ଣ ବର୍ଜନ କରିଥିଲେ । ତାଙ୍କର ଏହି କଠୋର ବ୍ରତ ଯୋଗୁଁ ତାଙ୍କୁ ଗାନ୍ଧିଜୀଙ୍କ ପଟ୍ଟଶିଷ୍ୟ ବା "ପଶ୍ଚିମ ଓଡ଼ିଶାର ଗାନ୍ଧୀ" ବୋଲି ଅଭିହିତ କରାଯାଏ । ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଏକ ଅଖ୍ୟାତପଲ୍ଲୀ ଗୁରୁପାଲିରେ ଜନ୍ମ ହୋଇଥିଲେ ନୃସିଂହ । ପିତା ଗଣେଶରାମ ପରିବାରର ଇଷ୍ଟଦେବତା ନୃସିଂହନାଥଙ୍କ କୃପାରୁ ପୁତ୍ର ସନ୍ତାନ ଲାଭ କରିଥିବା ହେତୁ ପୁତ୍ରର ନାମକରଣ କରିଥିଲେ ନୃସିଂହ । ନିଜ ଗ୍ରାମରେ ଶିକ୍ଷା ବ୍ୟବସ୍ଥା ନଥିବାରୁ ଚାଟଶାଳୀ ଶିକ୍ଷାପରେ ବିଭିନ୍ନ ସ୍ଥାନକୁ ଯାଇ ନୃସିଂହ ମଧ ଇଂରାଜୀ ଶିକ୍ଷା ସମାପ୍ତିକଲେ । ତାଙ୍କର ଶିକ୍ଷାପ୍ରତି ଆଗ୍ରହ ଦେଖି ପିତା ତାଙ୍କର ନାମ ସମ୍ବଲପୁର ଜିଲ୍ଲା ସ୍କୁଲରେ ଲେଖାଇଲେ । ନୃସିଂହ ଦଶମଶ୍ରେଣୀ ପଢୁଥିବା ସମୟରେ ସାରା ଭାରତ ବର୍ଷରେ ଅସହଯୋଗ ଆନ୍ଦୋଳନ ତେଜି ଉଠିଲା । ଚନ୍ଦ୍ର ଶେଖର ବେହେରାଙ୍କ ନେତୃତ୍ୱରେ ସମ୍ବଲପୁରରେ ଏହି ଜାତୀୟ ସଂଗ୍ରାମ ସକ୍ରିୟ ଅଂଶଗ୍ରହଣ କଲା । ସ୍ଥାନୀୟ ଜିଲ୍ଲା ସ୍କୁଲର ଶିକ୍ଷକ ଫକୀର ମିଶ୍ର ପିଲାଙ୍କୁ ସ୍ୱଦେଶୀ ଆନ୍ଦୋଳନ ବିଷୟରେ କହି ସେମାନଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କଲେ । ସମ୍ବଲପୁର ଜିଲ୍ଲାର ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ରେ ଏହି ଆନ୍ଦୋଳନ ବିରାଟରୂପ ଧାରଣ କଲା । ୧୯୨୧ ସାଲ ଜାନୁୟାରୀ ୨ ତାରିଖରେ ଜିଲ୍ଲା ସ୍କୁଲ ପିଲାମାନେ ଶ୍ରେଣୀ ବର୍ଜନ କରି ବୁଢ଼ାରଜା ପାହାଡ଼ର ପାଦଦେଶରେ ସଭାକଲେ । ପରବର୍ତ୍ତୀ ଦିନ ସମ୍ବଲପୁର ସହରରେ ହରତାଳ ପାଳନ କରାଗଲା । ପିତା ଗଣେଶରାମଙ୍କ ଆଶାକୁ ଧୂଳିସାତ୍ କରି ନୃସିଂହ ଭାରତର ମୁକ୍ତି ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କଲେ ।

୧୯୨୧ ସାଲରେ ସମ୍ବଲପୁରର ଫ୍ରେଜରକ୍ଲବଠାରେ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା କରାଗଲା । କଲିକତା ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ପଣ୍ଡିତ ନୀଳକଣ୍ଠ ଦାଶ ଅଧ୍ୟାପକ ପଦବୀ ତ୍ୟାଗକରି ଜାତୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୂପେ ଯୋଗଦାନ କଲେ । ପ୍ରାୟ ଦୁଇଶହ ଛାତ୍ର ଏଠାରେ ନାମଲେଖାଇ ସାଧାରଣ ଶିକ୍ଷା ବ୍ୟତୀତ ସୂତାକଟା, ଲୁଗାବୁଣା, ବଢ଼େଇକାମ ଆଦି ଶିଖିଲେ । ଏଥିସହ ଜାତୀୟ କଂଗ୍ରେସର ବାର୍ତ୍ତା ପ୍ରଚାର କଲେ । ଝାରସୁଗୁଡ଼ାର ଲଇକେରା ଅଞ୍ଚଳରେ କର୍ମୀ ସଂଗଠନ ଓ ଖଦୀ ପ୍ରଚାରର ଦାୟିତ୍ୱରେ ଥିଲେ ନୃସିଂହ ଗୁରୁ । ଲଇକେରା ଥାନାର ଭାଲୁପତ୍ରାରେ ହାତକଟା ସୂତା ଉତ୍ପାଦନ କେନ୍ଦ୍ରଥିଲା ଏବଂ ସୂତା ସଂଗ୍ରହର ଦାୟିତ୍ୱ ନେଇଥିଲେ ରାଞ୍ଚି ଜଗନ୍ନାଥପୁରର ଲାଲା ତ୍ରିଲୋଚନ ଶାହାଦେଓ । ସେ ଅଞ୍ଚଳର ଅଘରିଆ ଜାତିର ଲୋକଙ୍କ କପା ଚାଷ, ସୂତାକାଟ ଓ ଲୁଗାବୁଣା ମୁଖ୍ୟ ପେଷା ଥିଲା । ଏଣୁ, ଏ ଅଞ୍ଚଳରେ କଂଗ୍ରେସର କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାରରେ କୌଣସି ଅସୁବିଧା ନଥିଲା । ଇତିମଧ୍ୟରେ ନୃସିଂହ ଜାତୀୟ ବିଦ୍ୟାଳୟରୁ ଅନ୍ୟ ଦୁଇଜଣ ସହପାଠୀ ଦାମୋଦର ପାଢ଼ୀ ଓ ଅରୁଣ ଦାଶଙ୍କ ସହ ମେଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଅସ୍ପୃଶ୍ୟତା ନିବାରଣ ତଥା ନିଶା ନିବାରଣ କ୍ଷେତ୍ରରେ ନୃସିଂହଗୁରୁଙ୍କ ଭୂମିକା ଅତୀବ ପ୍ରଶଂସନୀୟ । ସେ ଉତ୍କଳୀୟ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ ମଧ ହରିଜନମାନଙ୍କ ସେବା ଓ ସେମାନଙ୍କ ସାମାଜିକ ପ୍ରତିଷ୍ଠା ଦିଗରେ ସାରା ଜୀବନ ଉତ୍ସର୍ଗ କରିଥିଲେ ଠକ୍କର ବାପାଙ୍କ ନିର୍ଦ୍ଦେଶରେ ସେ ସମ୍ବଲପୁର ଜିଲ୍ଲା ହରିଜନସେବକ ସଂଘର ସଂପାଦକ ଥିଲେ । ଶ୍ରୀ ଗୁରୁ ଜନାର୍ଦ୍ଦନ ସୁପକାରଙ୍କ ଅମାର ଘରେ ଛାତ୍ରାବାସ ଖୋଲି ପରିବାରସହ ସେଠାରେ ରହି ହରିଜନ ପିଲାଙ୍କ ତତ୍ତ୍ୱ ନେଉଥିଲେ । ଏତଦ୍‌ବ୍ୟତୀତ ନିଶାନିବାରଣ କ୍ଷେତ୍ରରେ ମଧ ସମ୍ବଲପୁର ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ପଞ୍ଚସଖାଙ୍କ ନେତୃତ୍ୱରେ ନିଶାନିବାରଣ କାର୍ଯ୍ୟକ୍ରମ ବିଶେଷ ସଫଳତା ହାସଲ କଲା । ଏପରିକି ସରକାର ଅବକାରୀ ରାଜସ୍ୱକ୍ଷତି ଯୋଗୁଁ ତତ୍‌କାଳୀନ ଡେପୁଟୀ କମିଶନର ଜନ୍‌ଷ୍ଟନ ସାହେବଙ୍କୁ ୧୯୩୪ ସାଲରେ କାର୍ଯ୍ୟରୁ ନିଲମ୍ବିତ କରିଥିଲେ । ଉଦାରମନା ଜନ୍‌ଷ୍ଟନ୍‌ଙ୍କ ନିଶା ନିବାରଣ ଆନ୍ଦୋଳନ ପ୍ରତି ପରୋକ୍ଷରେ ସମର୍ଥନ ଥିଲା ।

ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନରେ ସମ୍ବଲପୁରର ନେତୃବୃନ୍ଦ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ସରକାରଙ୍କ ଲବଣ ଆଇନ ବିରୁଦ୍ଧରେ ସମ୍ବଲପୁରରେ ବିରାଟ ଶୋଭାଯାତ୍ରା ହୋଇଥିଲା । ଏହା ଉପରେ ପୋଲିସ୍‌ର ପ୍ରତିରୋଧ ପାଇଁ ହରତାଳ ପାଳନ କରା ଯାଇଥିଲା । ୧୯୩୦ ସାଲ ମାର୍ଚ୍ଚ ୧୯ ତାରିଖ ଦିନ ଅନ୍ୟାନ୍ୟ କର୍ମୀଙ୍କ ସହ ନୃସିଂହଗୁରୁଙ୍କୁ ଗିରଫ କରାଯାଇ କୋର୍ଟକୁ ଚଲାଣ କରାଗଲା । ୧୯୩୨ ମସିହାରେ ସେ ଆଇନ ଅମାନ୍ୟ ଆନ୍ଦୋଳନ ଯୋଗୁଁ ଛଅମାସ ଜେଲ ଯାଇଥିଲେ ଓ ତାଙ୍କୁ ପାଞ୍ଚଶହ ଟଙ୍କା ଜୋରିମାନା ଦେବାପାଇଁ ଆଦେଶ ହୋଇଥିଲା ।

୧୯୩୬ ସାଲରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବେଳେ ବ୍ରିଟିଶ୍ ସରକାର ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଫୁଲଝର, ବିନ୍ଦ୍ରାନୂଆଁଗଡ଼, ଚନ୍ଦ୍ରପୁର, ରାୟଗଡ଼ ଆଦି ମଧ୍ୟପ୍ରଦେଶରେ ମିଶାଇଦେବାରେ ସ୍ଥାନୀୟ ନେତୃବୃନ୍ଦ ଏହାର ତୀବ୍ର ପ୍ରତିବାଦ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ଦିବସକୁ ପ୍ରତିବାଦ ଦିବସ ରୂପେ ପାଳନ କରିବାକୁ ନୃସିଂହ ଗୁରୁ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

୧୯୪୨ ମସିହା ଜୁଲାଇ ୧୪ ତାରିଖରେ କଂଗ୍ରେସ କାର୍ଯ୍ୟକାରୀ କମିଟିର ବୈଠକରେ ଗୃହୀତ ଭାରତଛାଡ଼ ପ୍ରସ୍ତାବ ଅନୁଯାୟୀ ଅଗଷ୍ଟ ୯ ତାରିଖରେ ସାରା ଭାରତ ବର୍ଷରେ ଆନ୍ଦୋଳନ ବ୍ୟାପକରୂପ ଧାରଣକଲା । ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ବମ୍ବେ ଅଧିବେଶନରୁ ଫେରିବା ବାଟରେ ଗିରଫ ହେଲେ । ନୃସିଂହ ଗୁରୁ, ଦୟାନନ୍ଦ ଶତପଥି, ରାମରକ୍ଷା ଶୁକ୍ଳା ଓ ଦୁର୍ଗା ପ୍ରସାଦ ଗୁରୁଙ୍କ ଭାରତରକ୍ଷା ଆଇନବଳରେ ସମ୍ବଲପୁରଠାରେ ଗିରଫ କରାଗଲା । ନୃସିଂହଗୁରୁଙ୍କ ନାମରେ ପୋଲିସ ଏକ ମିଥ୍ୟା ମକଦ୍ଦମା କଲେ । ଯଦିଓ ସେ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହେଲେ, ତଥାପି ତାଙ୍କୁ ଅଟକବନ୍ଦୀ ରୂପେ ରଖାଗଲା । ଉଣେଇଶ ମାସ ପରେ ସେ ଜେଲରୁ ମୁକ୍ତ ହେଲେ । ଜେଲରୁ ଫେରିବାପରେ ବି ବ୍ରଜରାଜନଗର ଅଞ୍ଚଳରେ ପ୍ରବେଶ ପାଇଁ ତାଙ୍କ ଉପରେ ନିଷେଧାଜ୍ଞା ଜାରି କରାଗଲା ।

ସମାଜସେବା କ୍ଷେତ୍ରରେ ନୃସିଂହଗୁରୁଙ୍କ ଅବଦାନ ବିଶେଷ ଉଲ୍ଲେଖନୀୟ । ୧୯୨୨ ସାଲରେ ସମ୍ବଲପୁର ଜିଲ୍ଲାର କେତେକ ଅଞ୍ଚଳରେ ବିଶେଷତଃ ମାନପୁର ଗ୍ରାମରେ ହଇଜାରୋଗର ପ୍ରାଦୁର୍ଭାବ ଦେଖାଗଲା । ଏ ସମ୍ବାଦ ପାଇବା ମାତ୍ରେ ନୃସିଂହ ଗୁରୁ ହୋମିଓ ପ୍ୟାଥିକ୍ ଔଷଧସହ ବିଶୋଧନ ସାମଗ୍ରୀ ନେଇ ସେ ଅଞ୍ଚଳରେ ପହଞ୍ଚିଥିଲେ । ଆକ୍ରାନ୍ତ ରୋଗୀଙ୍କ ଗୃହ, ଗ୍ରାମର କୂଅ, ପୋଖରୀ ବିଶୋଧନ କରି ଔଷଧ ଦେଇ ସେବାଶୁଶ୍ରୁଷା କରିବା ଫଳରେ ଲୋକେ ମୃତ୍ୟୁମୁଖରୁ ରକ୍ଷା ପାଇ ପାରିଥିଲେ ।

୧୯୨୮ ମସିହା ଡିସେମ୍ବର ୨୩ ତାରିଖରେ ଗାନ୍ଧିଜୀ, ପତ୍ନୀ କସ୍ତୁରବା ଓ ପୁତ୍ର ଦେବଦାସଙ୍କ ସହ ସମ୍ବଲପୁର ପରିଦର୍ଶନରେ ଆସିଥିଲେ । ସମ୍ବଲପୁରବାସୀଙ୍କ ତରଫରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେ ଚନ୍ଦ୍ରଶେଖର ବେହେରାଙ୍କ ଆତିଥ୍ୟ ଗ୍ରହଣ କରିଥିଲେ । ଚନ୍ଦ୍ରଶେଖର ବେହେରା ଅତିଥିଚର୍ଯ୍ୟାର ଦାୟିତ୍ୱ ଦେଇଥିଲେ ନୃସିଂହ ଗୁରୁଙ୍କ ଉପରେ । ଅତିଥିବୃନ୍ଦ ଶ୍ରୀଗୁରୁଙ୍କ ଆତିଥ୍ୟରେ ଭୂୟସୀ ପ୍ରଶଂସା କରିଥିଲେ । ପୁନଶ୍ଚ ୧୯୩୪ ସାଲ ମେ ୫ ତାରିଖରେ ଗାନ୍ଧିଜୀଙ୍କ ସମ୍ବଲପୁରକୁ ହରିଜନ ଗସ୍ତରେ ଆସିଥିଲା ବେଳେ ନୃସିଂହଗୁରୁ ଜନସାଧାରଣଙ୍କଟାରୁ ନଅଶହ ଅଠାନବେ ଟଙ୍କା ଆଠଅଣା ସଂଗ୍ରହକରି ତାଙ୍କୁ ଭେଟି ଦେଇଥିଲେ ।

ନୃସିଂହ ଗୁରୁଙ୍କ ନିଷ୍ଠା ଓ ଦେଶପ୍ରେମ ଦେଖି ଉତ୍କଳମଣି ଗୋପବନ୍ଧୁ ତାଙ୍କୁ 'ସମାଜ' ପତ୍ରିକାର ସାମ୍ବାଦିକ ଭାବେ ନିଯୁକ୍ତି ଦେଲେ । ସେ ୧୯୨୯ ମସିହାଠାରୁ ଜୀବନର ଶେଷ ପର୍ଯ୍ୟନ୍ତ ନିଷ୍ଠାରସହ ସାମ୍ବାଦିକ କାର୍ଯ୍ୟ କରିଥିଲେ । ସାମ୍ବାଦିକତା କ୍ଷେତ୍ରରେ ସେ ଜଣେ ଦକ୍ଷ, ନିର୍ଭିକ ଓ ସଚ୍ଚୋଟ ସାମ୍ବାଦିକ ଭାବେ ନିଜକୁ ପ୍ରତିଷ୍ଠା କରିପାରିଥିଲେ । ଅନ୍ୟାୟ ବିରୁଦ୍ଧରେ ଲେଖନୀଚାଳନା କରିବାକୁ ସେ ଆଦୌ କୁଣ୍ଠାବୋଧ କରୁନଥିଲେ । ସେଥିପାଇଁ ତାଙ୍କୁ ଅନେକ ସମୟରେ ଅପମାନିତ, ଲାଞ୍ଛିତ ହେବାକୁ ପଡ଼ିଛି, ଦୁଃଖ, ନିର୍ଯ୍ୟାତନା ସହ୍ୟ କରିବାକୁ ହୋଇଛି । ଏସବୁ ସତ୍ତ୍ୱେ ବି ସେ ସତ୍ୟପଥରୁ ଆଦୌ ବିଚ୍ୟୁତ ହୋଇ ନାହାନ୍ତି ।

ନୃସିଂହ ୧୯୦୨ ମସିହା ଫାଲଗୁନ ପୂର୍ଣ୍ଣିମାର ଆଲୋକରେ ଆସି ୧୯୮୪ ମସିହା ପୌଷ ବହୁଳ ଅମାବାସ୍ୟାର ଅନ୍ଧକାରରେ ଗୋପନରେ ଚାଲିଗଲେ ଆରପାରିକୁ । ତାଙ୍କ ତିରୋଧାନରେ ଯେଉଁ ଶୂନ୍ୟତା ସୃଷ୍ଟିହେଲା ତାହା ଅପୂରଣୀୟ । ଏ ଦେଶର ମଣିଷ ଏବେ ବ୍ୟକ୍ତିଗତ ସ୍ୱାର୍ଥପାଇଁ ଦେଶର ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ପଶ୍ଚାତ୍‌ପଦ ନୁହେଁ । ଦେଶର ନେତୃବୃନ୍ଦଙ୍କ ତ୍ୟାଗ ବଦଳରେ ଭୋଗର ଲାଳସା ବୃଦ୍ଧି ପାଇଛି । ଏବେ ଗଣସେବା ପରିବର୍ତ୍ତେ ଜଣସେବା ଉପରେ ପ୍ରାଧାନ୍ୟ ଦିଆଯାଉଛି । ଏପରି ପରିସ୍ଥିତିରେ ନୃସିଂହ ଗୁରୁଙ୍କ ପରି ଜଣେ ଦେଶପ୍ରେମୀ, ନିଃସ୍ୱାର୍ଥପର ସେବକ ଓ ନିର୍ଭିକ ବ୍ୟକ୍ତିଙ୍କ ଉପସ୍ଥିତି ସମାଜରେ ଆବଶ୍ୟକ ହୁଏ, ଯେ କି ଦିଗଭ୍ରାନ୍ତ ସମାଜକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇପାରିବ । ତାଙ୍କର ସେହି ମହାନ୍ ଆତ୍ମାପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ପଣ୍ଡିତ ଲକ୍ଷ୍ମୀନାରାୟଣ ଲେନ୍,
ସମ୍ବଲପୁର -୧